To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-16, Issue No.153, ଭଦ୍ରକ, ରବିବାର, ୩, ଡିସେମ୍ବର ୨୦୧୭ ■ Bhadrak, Sunday, 3 December 2017 Rs. 2.00 Pages-8

ରାବ୍ରି ଦେବୀଙ୍କୁ ଇଡିର ୭ଘଣ୍ଟାର ମାରାଥନ ଜେରା



# ପ୍ରୟାସ ବୃଥା !



- ୨୦୧୫-୧୬, ୨୦୧୬-୧୭ ଧାନର ଏମ୍‌ଏସ୍‌ପି ଦରରେ ପୂର୍ଣ୍ଣଚ୍ଛେଦ !
- ୨୦୧୮-୧୯ ଏମ୍‌ଏସ୍‌ପି ଦରଧାର୍ଯ୍ୟ ନେଇ କେନ୍ଦ୍ର ମାଗିଲା ରିପୋର୍ଟ
- ଏମ୍‌ଏସ୍‌ପିକୁ ୨୯୩୦ ଟଙ୍କା କରିବାକୁ ବିଧାନସଭା ଗୃହ କମିଟିର ଦାବି

ଭୁବନେଶ୍ୱର, ୨।୧୨ (ସକାଳ ଖବର): ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ନେଇ ରାଜରାସ୍ତାରେ ଲଢେଇ ଚାଲିଛି । ବିଧାନସଭାରେ ମଧ୍ୟ ଘମାଘୋଟ ଆଲୋଚନା ହୋଇଛି । ଏସବୁ ଭିତରେ ୨୦୧୮-୧୯ ଖରିଫ୍‌ରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କଣ ରହିବ, ସେନେଇ କେନ୍ଦ୍ର ସରକାରଙ୍କ ଦର ନିର୍ଦ୍ଧାରଣ କମିଶନ ଆରମ୍ଭ କରିଦେଇଛନ୍ତି ପ୍ରକ୍ରିୟା । ଧାନ ଉତ୍ପାଦନ ପାଇଁ କେଉଁ କ୍ଷେତ୍ରରେ କେତେ ଟଙ୍କା ଖର୍ଚ୍ଚ ହେଉଛି, ଉତ୍ପାଦନ ମୂଲ୍ୟ କେତେ ହେଉଛି, ସେନେଇ କେନ୍ଦ୍ର କୃଷି ମନ୍ତ୍ରଣାଳୟ ଅଧୀନସ୍ଥ ଦର ନିର୍ଦ୍ଧାରଣ କମିଶନ୍ ବିସ୍ତୃତ ତଥ୍ୟ ରାଜ୍ୟ ସରକାରଙ୍କୁ ମାଗିଛି । ଯେଉଁଥିରେ ମଣ୍ଡି ଫି, ପରଚେଜ୍ ଟ୍ୟାକ୍ସ, ଏଜେଣ୍ଟ କମିଶନ୍, ଭିତ୍ତିଭୂମି ସେସ୍ ଆଦି ସଂପର୍କରେ ନିର୍ଦ୍ଦିଷ୍ଟ ଫର୍ମାଟ୍‌ରେ ଡିସେମ୍ବର ୪ ତାରିଖ ସୁଦ୍ଧା ତଥ୍ୟ ଦେବାକୁ କୁହାଯାଇଛି । ତାହା ସହ ଅନ୍ୟ ଏକ ଚିଠିରେ ଏମ୍‌ଏସ୍‌ପିର ଦର କଣ ରହିବ, ସେନେଇ ପ୍ରସ୍ତାବ ମାଗିଛି କମିଶନ । ମାତ୍ର ରାଜ୍ୟ ସରକାର ୨୦୧୫-୧୬ ଓ ୧୬-୧୭ରେ ଧାନର ସର୍ବନିମ୍ନ ଦର କ୍ୱିଣ୍ଟାଲ ପିଛା ୨୫,୦୦ ଟଙ୍କା କରିବାକୁ ସୁପାରିଶ କରିଥିଲେ । ତେବେ ଆସନ୍ତା ଖରିଫ୍ ପାଇଁ ରାଜ୍ୟ କେତେ ଟଙ୍କାର ସୁପାରିଶ କରିବା ତାକୁ ନେଇ ଚର୍ଚ୍ଚା ଲାଗି ରହିଛି । ଏବେ ଧାନର ଏମ୍‌ଏସ୍‌ପି ୧୫୫୦ ଟଙ୍କା ରହିଛି । ଏହାକୁ ବୃଦ୍ଧି କରିବାକୁ ବିଧାନସଭାରେ ସଙ୍କଳ୍ପ ପାରିତ ହୋଇଛି । ବିଧାନସଭା ଗୃହ କମିଟି ପ୍ରଧାନମନ୍ତ୍ରୀଙ୍କୁ ସମୟ ନଦେବାରୁ ରାଷ୍ଟ୍ରପତିଙ୍କୁ ଭେଟିବା ପାଇଁ ନିଷ୍ପତ୍ତି ହୋଇଛି । ଆଉ ଏହି ପ୍ରସ୍ତାବରେ ସହମତି ନଥିବାରୁ ବିଜେପି ପୁଣି ବିଜେଡି ଓ କଂଗ୍ରେସକୁ ଟାର୍ଗେଟ କରିଛିଛ ଆସନ୍ତା ଖରିଫ୍ ପାଇଁ କେନ୍ଦ୍ର ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ରାଷ୍ଟ୍ରପତିଙ୍କୁ ଭେଟିବା କିଛି ଲାଭ ହେବ ନାହିଁ ବୋଲି ବିଜେପି କହିଛି । ରାଜ୍ୟ ସରକାରଙ୍କ ହିସାବ ଅନୁଯାୟୀ ଧାନ କ୍ୱିଣ୍ଟାଲ ପିଛା ଉତ୍ପାଦନ ମୂଲ୍ୟ ଏବେ ୨୩୪୪ ଟଙ୍କା । ଏମ୍‌ଏସ୍‌ପିକୁ ୨୯୩୦ ଟଙ୍କା କରିବାକୁ ବିଧାନସଭା ଗୃହ କମିଟି ଦାବି କରିଛି । ଏଭଳି ସ୍ଥିତିରେ ରାଷ୍ଟ୍ରପତିଙ୍କୁ ଗୃହ କମିଟି ଭେଟିବା ବେଳେ ଏମ୍‌ଏସ୍‌ପି ୨୯୩୦ ଟଙ୍କା ନା ଅଧିକ କରିବାକୁ ଦାବି କରିବେ, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଉତ୍ପଦାନ ମୂଲ୍ୟର ଦେଢଗୁଣା ଅର୍ଥାତ ୩୫୧୬ ଟଙ୍କା କରିବେ ନା ତାଠୁ ଅଧିକ ହେବ, ତାକୁ ନେଇ ବି ଚର୍ଚ୍ଚା ଲାଗି ରହିଛି ।

## ଜଗା-କାଳିଆଙ୍କ ପରେ ପେଟଯୋଡ଼ା ଶିଶୁ

# ସମସ୍ତ ଖର୍ଚ୍ଚ ତୁଲାଇବେ ସରକାର : ପ୍ରତାପ

ଭୁବନେଶ୍ୱର, ୨।୧୨ (ସକାଳ ଖବର): ନୟାଗଡର ଯୋଡା ପେଟ ଶିଶୁ କନ୍ୟାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ଆବଶ୍ୟକ ପଡ଼ିଲେ ସେମାନଙ୍କୁ ରାଜ୍ୟ ବାହାରକୁ ମଧ୍ୟ ପଠାଇବାର ବ୍ୟବସ୍ଥା କରାଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି । ଶନିବାର ଦିନ ମନ୍ତ୍ରୀ ଶ୍ରୀ ଜେନା କଟକ ଶିଶୁ ଭବନ ଯାଇ ଉକ୍ତ ଶିଶୁ କନ୍ୟାମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ସେମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଏବଂ ବାପା ମାଙ୍କୁ ପଚାରି ବୁଝିଥିଲେ ।

ସୂଚନା ଯୋଗ୍ୟ ଯେ ଗତକାଲି ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଖଳିପାଟଣା ଗାଁର କିଶୋର କୁମାର



ଦତଙ୍କ ସ୍ତ୍ରୀ ସୁମିତ୍ରା(୨୨) ଏକ ଘରୋଇ ଡାକ୍ତରଖାନାରେ ଯମଜ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଥିଲେ । ଉଭୟ ଶିଶୁ କନ୍ୟାଙ୍କ ମୁଣ୍ଡ ଓ ଗୋଡ ଅଲଗା ଅଲଗା ହୋଇଥିବା ବେଳେ ଛାତି ଓ ପେଟ ଲାଗି ରହିଥିବା ଜଣାପଡିଥିଲା । ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ମାଆ ଓ ଦୁଇ ଶିଶୁଙ୍କୁ ଚିକିତ୍ସା ପାଇଁ କଟକ ଶିଶୁଭବନକୁ ପଠାଇ ଦିଆଯାଇଥିଲା।

## ଦିଲ୍ଲୀ ଗଲେ ଅଖତର

ଭୁବନେଶ୍ୱର, ୨।୧୨ (ସକାଳ ଖବର): ଏନଆଇଏର ନୋଟିସ୍ ମିଳିବା ପରେ ଅଖତର ହୁସେନ୍ ଖାଁ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଶନିବାର କଟକରୁ ନିଜ ପୁଅ ସହ ଅଖତର ଟ୍ରେନ୍ ଯୋଗେ ଦିଲ୍ଲୀ ଯାଇଛନ୍ତି । ଦିଲ୍ଲୀ ଯିବା ପୂର୍ବରୁ ପ୍ରତିକ୍ରିୟା ଦେଇ ଅଖତର କହିଛନ୍ତି ଯେ ମୋର ଦେଶ ଅଛି , ସମ୍ବିଧାନ ଅଛି , ଆଇନ୍ ଅଛି। ମତେ ସେଠାରେ କଣ ପଚାରିବେ ତାହା ମୁଁ ଜାଣିନାହିଁ। ମୋର କିଛି ଭୁଲ୍ ନାହିଁ । ଆସନ୍ତା ୪ ତାରିଖରେ ଦିଲ୍ଲୀ ସ୍ଥିତ ଏନଆଇଏ ମୁଖ୍ୟାଳୟରେ ହାଜର ହେବା ପାଇଁ ଅଖତରଙ୍କୁ ନୋଟିସରେ ନିର୍ଦ୍ଦେଶ ଦିଆଯାଇଥିଲା ।

ସୂଚନାଯୋଗ୍ୟ ଯେ ଗତ ନଭେମ୍ବର ୩୦ ତାରିଖରେ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍ ଆଇଏ) ଡିସେମ୍ବର ୪ ତାରିଖରେ ଦିଲ୍ଲୀରେ ହାଜର ହେବା ପାଇଁ ଅଖତରଙ୍କୁ ନୋଟିସ୍ ଜାରୀ କରିଥିଲା । ଏହା ପୂର୍ବରୁ ୨୯ ତାରିଖରେ ଏନଆଇଏର ୬ ଜଣିଆ ଟିମ୍ ଅଖତାରଙ୍କ କଟକ ଜିଲ୍ଲା କିଶନନଗର ଥାନା ସାମନ୍ତରାପୁର ଗ୍ରାମରେ ଥିବା ଭଡା ଘର ଉପରେ ଚଢାଉ କରିଥିଲା । ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଏବା ସହିତ ଲିଙ୍କ୍ ଥିବା ସନ୍ଦେହରେ ଏହି ଚଢାଉ କରାଯାଇଥିଲା । ଦୀର୍ଘ ୪ ଘଂଟା ଧରି ଅଧିକାରୀ ମାନେ ଜେରା କରିବା ପରେ ଅଖତାରଙ୍କୁ ଘରୁ ଉଠାଇ ନେଇଥିଲେ । ପରେ ତାଙ୍କୁ ପଚରାଉଚରା କରି ଛାଡି ଦେଇଥିଲେ ।

# ଲାକ୍ଷାଦ୍ୱୀପରେ 'ଓଖି' ତାଣ୍ଡବ



- ମୃତ୍ୟୁସଂଖ୍ୟା ୧୬ ଛୁଇଁଲା
- ୫୩୧ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର
- ମୃତକଙ୍କୁ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ
- ୧୨୦୦ରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ

ନୂଆଦିଲ୍ଲୀ, ୨।୧୨: କେରଳ ଏବଂ ତାମିଲନାଡୁରେ ବିପର୍ଯ୍ୟୟ ଆଣିଥିବା 'ଓଖି' ବାତ୍ୟା ଆସନ୍ତା ୨୪ ଘଣ୍ଟା ଭିତରେ ଅତି ଭୟଙ୍କର ରୂପ ନେବ ବୋଲି ଭାରତୀୟ ପାଣିପାଗ ବିଭାଗ ସୂତ୍ରରୁ ପ୍ରକାଶ । 'ଓଖି' ହେତୁ ଉଭୟ ରାଜ୍ୟରେ ଏବେ ମୃତ୍ୟୁସଂଖ୍ୟା ୧୬ରେ ପହଞ୍ଚିଛି । ଲଗାଣ ବର୍ଷା ସାଙ୍ଗକୁ ପବନ ହେତୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ସମସ୍ତ ତଳିଆ ଅଞ୍ଚଳ ଜଳମଗ୍ନ ରହିଛି । କେରଳ ଏବଂ ଲାକ୍ଷାଦ୍ୱୀପ ଉପଦ୍ୱୀପର ୫୩୧ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଜଳରୁ ଉଦ୍ଧାର କରାଯାଇଛି । କେରଳରୁ ୩୯୩ ଏବଂ ଲାକ୍ଷାଦ୍ୱୀପରୁ ୧୩୮ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଛି ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ କହିଛନ୍ତି । ସମସ୍ତ ମୃତକଙ୍କ ପରିବାରକୁ ବିଜୟନ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କରିଛନ୍ତି । ଅନ୍ୟପକ୍ଷରେ ଓଖି ବାତ୍ୟା ହେତୁ ହୋଇଥିବା କ୍ଷୟକ୍ଷତି ନେଇ ସମସ୍ତ କ୍ଷତିପୂରଣ ଏବଂ ସୁବିଧାସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶ୍ୱାସନା ଦେଇଛନ୍ତି । ଓଖି ହେତୁ କନ୍ୟାକୁମାରୀ ଏବଂ ତିରୁନେଲଭେଲି ରାଜ୍ୟ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ୧୨୦୦ରୁ ଉର୍ଦ୍ଧ୍ୱ ଲୋକ ଏହାଦ୍ୱାରା ପ୍ରଭାବିତ ହୋଇ ରିଲିଫ୍ ଶିବିରରେ ଅଛନ୍ତି । କେବଳ କନ୍ୟାକୁମାରୀରୁ ୧,୦୪୪ ଜଣ ୧୬ ରିଲିଫ ଶିବିରରେ ରହିଛନ୍ତି ।

## ସୁର ରିଟର୍ଣ୍ଣସ୍



ଆଶ୍ରମ ଚଳଚଞ୍ଚଳ

ଭୁବନେଶ୍ୱର,୨।୧୨ (ସକାଳ ଖବର): ସୁପ୍ରିମ୍ କୋର୍ଟରୁ ଜାମିନ୍ ପାଇବା ପରେ ନିଜ ଆଶ୍ରମକୁ ଫେରିଛନ୍ତି ଭୁବନେଶ୍ୱର ଉପକଣ୍ଠସ୍ଥ ଝିଂଟି ଶାସନ ଠାରେ ଥିବା ତ୍ରାହି ଅଚ୍ୟୁତ ଆଶ୍ରମର ପ୍ରତିଷ୍ଠାତା ସୁର ବାବା ଓରଫ୍ ସୁରେନ୍ଦ୍ର ମିଶ୍ର । ବାବା ଆଶ୍ରମରେ ପହଂଚିବା ପରେ ସେଠାରେ ପୁଣି ଥରେ ପୂଜା ପାଠ ଆରମ୍ଭ ହୋଇଥିବା ଜଣାପଡିଛି । ଗତ ନଭେମ୍ବର ୨୮ ତାରିଖରେ ସୁପ୍ରିମ୍ କୋର୍ଟ ସୁର ବାବାଙ୍କୁ ଜାମିନ୍ ଦେଇଥିଲେ । ଛତ୍ରପୁର ଠାରେ ଏକ ଜମି ଜାଲିଆତି ମାମଲାରେ ଏହି ଜାମିନ୍ ଦିଆଯାଇଥିଲା । ଏହାପରେ ଶୁକ୍ରବାର ରାତିରେ ସୁରବାବା ତ୍ରାହି ଅଚ୍ୟୁତ ଆଶ୍ରମ ଫେରିଛନ୍ତି । ସୂଚନାଯୋଗ୍ୟ ଯେ ଗତ ୨୦୧୫ ଅଗଷ୍ଟ ୩୧ରେ ସୁର ବାବା ଓରଫ ସୁରେନ୍ଦ୍ର ମିଶ୍ର, ତାଙ୍କ ଦୁଇ ପୁଅ ତ୍ରିଲୋଚନ ଓ ବିରଂଚି ଗିରଫ ହୋଇଥିଲେ । ଏହାପରେ ପୋଲିସ ଓ ଅର୍ଥନୈତିକ ଅପରାଧ ଶାଖା ସେହି ଆଶ୍ରମର କୋଟି କୋଟି ଟଙ୍କାର ସମ୍ପତି ସହ ନଗଦ ଟଙ୍କା ପାଇଥିଲା । ଆଶ୍ରମ ନାମରେ ଜମି ଜବରଦଖଲ, ସମ୍ପତି ହଡପ, ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଓ ମହିଳାଙ୍କୁ ଯୌନ ନିର୍ଯାତନା ଓ ବ୍ଲାକମେଲ୍ କରିବା ଆଦି ବିଭିନ୍ନ ସଙ୍ଗିନ ଅଭିଯୋଗ ଥିଲା। ଚଢାଉ ବେଳେ ଆଶ୍ରମରୁ ୨ଟି ପିସ୍ତଲ ଓ ୩ଟି ୯ଏମ୍‌ଏମ୍ ଗୁଳି ଜବତ ହୋଇଥିଲା। ଏହି ଘଟଣା ଉପରେ ମୋଟ୍ ୫ଟି ମାମଲା ରୁଜୁ ହୋଇ ଥିଲା ।

## ୨୦ ଲକ୍ଷ ଟଙ୍କାର ଗହଣା ଲୁଟିନେଲେ

ଘଟଗାଁ, ୨।୧୨ (ସକାଳ ଖବର): କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ଢେଙ୍କିକୋଟ ବଜାରରେ ଜଣେ ସୁନା ଦୋକାନ ମାଲିକଙ୍କ ଠାରୁ ଆଜି ସକାଳେ ୨୦ ଲକ୍ଷ ଟଙ୍କାର ଗହଣା ଲୁଟିଛନ୍ତି ଲୁଟେରା । କୈଳାସ ଜୁଏଲାରୀର ମାଲିକ ମନ୍ମଥ ରଣା ଆଜି ସକାଳ ପ୍ରାୟ ସାଢେ ୮ଟା ସମୟରେ ଦୋକାନ ଖୋଲିବାକୁ ଆସି ସଟର ଖୋଲୁଥିବା ବେଳେ ତାଙ୍କ ପାଖରେ ଥିବା ଗହଣା ବ୍ୟାଗକୁ ଧରି ଚମ୍ପଟ୍ ମାରିଥିଲେ ଲୁଟେରା । ଦୁଇ ଲୁଟେରା ଏକ ପଲସର ବାଇକରେ ଆସି ଗହଣା ବ୍ୟାଗ୍ ନେଇଯାଇଥିବା ସୁନା ଦୋକାନ ମାଲିକ କହିଛନ୍ତି । ଏନେଇ ଢେଙ୍କିକୋଟ ଫାଣ୍ଡିରେ ଅଭିଯୋଗ ହୋଇଛି । ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି । କେନ୍ଦୁଝର ଏସପି ରାଜେଶ ପଣ୍ଡିତ, ଘଟଗାଁ ଏସଡିପିଓ ସିଲଭରିୟସ ଟପୋ, ଘଟଗାଁ ଥାନା ଆଇଆଇସି ଛବିଶ କୁମାର ନାୟକ ଘଟଣାସ୍ଥଳ ଅନୁଧ୍ୟାନ କରି ଫେରିଛନ୍ତି । ସେଠାରେ ଲାଗିଥିବା ସିସିଟିଭି ଫୁଟେଜକୁ ପୋଲିସ ଯାଂଚ କରୁଛି ।

# ସୁଧାଂଶୁ ଶେଖର ଭୂୟାଁ ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନର ନିର୍ଦ୍ଦେଶକ

ଓଏଏସ କ୍ୟାଡ଼ରରେ ମଧ୍ୟମ ଧରଣର ଅଦଳ ବଦଳ

ଭୁବନେଶ୍ୱର, ୨।୧୨ (ସକାଳ ଖବର): ରାଜ୍ୟ ସରକାର ଓଏଏସ କ୍ୟାଡ଼ରରେ ଏକ ମଧ୍ୟମ ଧରଣର ଅଦଳ ବଦଳ କରିଛନ୍ତି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ବିଜ୍ଞପ୍ତି ଅନୁଯାୟୀ ଭୂମି ଅଧିକାରୀ ସୁଧାଂଶୁ ଶେଖର ଭୂୟାଁଙ୍କୁ ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ସେହିପରି ବୋର୍ଡ଼ ଅଫ୍ ରେଭିନ୍ୟୁର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଭୂଷଣ ଶୁକ୍ଲାଙ୍କୁ ରାଜ୍ୟ ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ସଂସ୍ଥା (ଓଏସଆରଟିସି)ର ଜେନେରାଲ ମେନେଜର ଗଙ୍ଗାଧର ସାହୁଙ୍କୁ ଖୋର୍ଦ୍ଧା ଡିଆରଡିଏ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି । ସାଧାରଣ ପ୍ରଶାସନ ଏବଂ ପେନସନ ଅଭିଯୋଗ ବିଭାଗରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଶୈଳେନ୍ଦ୍ର କୁମାର ସାମଲଙ୍କୁ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ଯୁଗ୍ମ ଶାସନ ସଚିବ ଏବଂ ସୂର୍ଯ୍ୟ ମାଧବ ପାଣିଗ୍ରାହୀଙ୍କୁ ଗଂଜାମ ଆରଆଇସିର ଜେନେରାଲ ମେନେଜର ଭାବେ ଅବସ୍ଥାପିତ କରାଯାଇଛି । କଟକ ଏଡିଏମ ପଦବୀରେ ଥିବା ବିଜୟ କୁମାର ଖଣ୍ଡାୟତରାୟଙ୍କୁ ବୋର୍ଡ଼ ଅଫ ରେଭିନ୍ୟୁର ସର୍ଭେ ଓ ମ୍ୟାପ ପବ୍ଲିକେସନର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ପୁରୀ ଡିଆରଡିଏ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀକାନ୍ତ ତରେଇଙ୍କୁ ପୁରୀ ମ୍ୟୁନିସପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ (ପୃଷ୍ଠା-୭)



ତମ ଭିତରେ ହବାକୁ ଥିବା ମୋ ଗତିକୁ ତୁମେ ନିଜ ଗତି ମାନୁଛ । ସଂପୂର୍ଣ୍ଣ ବ୍ରହ୍ମାଣ୍ଡ ମୋ ଭିତରେ ରହିଥାଏ ଏବଂ ମୁଁ ତା ଭିତରେ ଭ୍ରମଣ କରେ ।



ହୁଣ୍ଡିର ଆୟ (୨.୧୨.୧୭)
୨,୧୬,୫୨୩




କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଡୋନା ଗାଙ୍ଗୁଲିଙ୍କ ଓଡ଼ିଶୀ ପରିବେଷଣ

# ଅବିଭକ୍ତ କୋରାପୁଟରେ ହାଇଆଲର୍ଟ

- → ମାଓବାଦୀଙ୍କ ୧୮ ତମ ପିଏଲଜିଏ ସପ୍ତାହ ପାଳନ
- → ଆଜି ଠାରୁ ବସ୍ ସେବା ଠପ୍
- → ୧୬ ରୁଟ୍ ରେ ୨୧ଟି ବସ ବନ୍ଦ

ଜୟପୁର,୨।୧୨ (ସକାଳ ଖବର): ମାଓବାଦୀ ମାନେ ପିଏଲଜିଏ ସପ୍ତାହ ପାଳନ କରୁଥିବାରୁ ଅବିଭକ୍ତ କୋରାପୁଟ ଜିଲାରେ ପୋଲିସ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି । ଜୟପୁର- ମାଲକାନଗିରି ବସ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଅବିଭକ୍ତ କୋରପୁଟ ଜିଲାରେ୧୬ଟି ରୁଟ୍ ରେ ୨୧ରୁ ଅଧିକ ସରକାରୀ ବସ ଚଳାଚଳକୁ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରାଯାଇଛି । ୨ ତାରିଖ ଠାରୁ ୧୮ତମ ପିଏଲଜିଏ ସପ୍ତାହ ଆରମ୍ଭ ହୋଇଥିବା ବେଳେ ସଂଗଠନରେ ଯୁବତୀ ଯୁବକ ମାନେ ସାମିଲ ହେବା ନେଇ ଆହ୍ୱାନ ଦିଆଯାଇଛି । ଯାହାଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି । ଜୟପୁର ଯୋନର ୧୬ଟି ରୁଟ୍ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି । ୨ ତାରିଖ ଠାରୁ ମାଓବାଦୀଙ୍କ ପିଏଲଜିଏ ସପ୍ତାହ ଆରମ୍ଭ ହୋଇଥିବାରୁ ସୁରକ୍ଷା ଦୃଷ୍ଟିରୁ ୮ ତାରିଖ ଯାଏ ସରକାରୀ ବସ ବନ୍ଦ କରାଯାଇଛି । ଏହି ସପ୍ତାହରେ ମାଓବାଦି ମାନେ ଯେପରି କୌଣସି ହିଂସାକାଣ୍ଡ ନଘଟାଇ ପାରନ୍ତି ସେଥି ନିମନ୍ତେ ଜିଲା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୁରକ୍ଷା ଦୃଷ୍ଟି କୋଣରୁ ବସ୍ ଚଳାଚଳ ବନ୍ଦ ରଖାଯାଇଛି । ମାଲକାନଗିରି ଜିଲା ରୁଟ୍ ରେ ସରକାରୀ ବସ୍ ସେବା ବନ୍ଦ ରଖାଯାଇ ଥିବା ବେଳେ ପାରଳାଖେମୁଣ୍ଡି- ଫୁଲବାଣି ରୁଟ୍ ବନ୍ଦ କରାଯାଇଛି । ଆନ୍ଧ୍ରର ଆରକୁ ଗୋଟିଏ ବସ୍, ଗୁପ୍ତେଶ୍ୱର ରୁଟ୍ ରେ ଗୋଟିଏ, ପାର୍ବତିପୁରମ ଗୋଟିଏ, କାଶିପୁର ଗୋଟିଏ, ଭଦ୍ରାଚଳମ ଗୋଟିଏ, ଓ ଭାୟା ରାୟଗଡା ଦେଇ ଯାଉଥିବା ବ୍ରହ୍ମପୁର, ଭଞ୍ଜନଗର ଓ ଭୁବନେଶ୍ୱରକୁ ଯାଉଥିବା ବସ, କୋଣାଗାଁ, ଗୁଣୁପୁରକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ବିଭାଗ ସୂତ୍ରରୁ ଜଣାଯାଇଛି । ଏହି ବସକୁ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଥିବା ବିଷୟ ଜିଲା ପରିବହନ ଅଧିକାରି ଗୋପାଳ ଜେନା ପ୍ରକାଶ କରିଛନ୍ତି । ଜିଲା ପୋଲିସ ତରଫରୁ ସୀମାନ୍ତ ଅଂଚଳକୁ ସିଲ୍ କରାଯିବା ସହ କୁମ୍ବିଂ ଅପରେସନକୁ ଜୋରଦାର କରାଯାଇଛି । ମାଓବାଦିଙ୍କ ପିଏଲଜିଏ ସପ୍ତାହ ନେଇ ଅବିଭକ୍ତ କୋରାପୁଟ ଜିଲାବାସୀ ଆତଙ୍କିତ ହୋଇପଡି ଥିବାରୁ ଜିଲା ପୋଲିସ ତରଫରୁ ଭୟଭିତ ହେବାର କିଛି ଆଶଙ୍କା ନାହିଁ ବୋଲି ଲୋକଙ୍କୁ ଆଶ୍ୱାସନା (ପୃଷ୍ଠା-୭)

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**